**ଇଂଲିଶ ପରୀକ୍ଷାରେ ୩୪୮ ଅନୁପସ୍ଥିତ**

ଢେଙ୍କାନାଳ,(ରତନ ନାୟାର)- ଚଳିତ ମାଟ୍ରିକ ପରୀକ୍ଷାରେ ଶନିବାର ଇଂଲିଶରେ ଢେଙ୍କାନାଳ ଜିଲାରେ ମୋଟ ୩୪୮ଜଣ ପରୀକ୍ଷାର୍ଥୀ ଅନୁପସ୍ଥିତ ଥିବା ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି । ମୋଟ ୧୬୬୧୬ ରେଗୁଲାର ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୨୯୧ଜଣ ଅନୁପସ୍ଥିତ, ମଧ୍ୟମାରେ ୬ଜଣ, ଏସ୍ଓଏସ୍‌ରେ ୫୧ଜଣ ଅନୁପସ୍ଥିତ ରହିଛନ୍ତି । ମୋଟ ୧୬୭୭୬ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୩୪୮ ଜଣ ଅନୁପସ୍ଥିତ ରହିଛନ୍ତି ।

# ଜାନୁଆରୀରେ ୪୨ ଦୁର୍ଘଟଣାରେ ୧୩ ମୃତ

**ଜିଲା ସଡ଼କ ସୁରକ୍ଷା କମିଟି ବୈଠକ**

- ୩୮୨୪ ଲାଇସେନ୍ସ ରଦ୍ଦ
- ଜାଲ୍ ନମ୍ବର ଲଗାଇ ବାଲି, ପଥର ଚାଲାଣ କଲେ କାର୍ଯ୍ୟାନୁଷ୍ଠାନ

ଢେଙ୍କାନାଳ,୨୧।୨(ରତନ ନାୟାର)



ଜିଲା ସଡ଼କ ସୁରକ୍ଷା କମିଟି ବୈଠକରେ ଅଧିକାରୀମାନେ ସମୀକ୍ଷା କରୁଛନ୍ତି ।

ଢେଙ୍କାନାଳ ଜିଲା ସଡ଼କ ସୁରକ୍ଷା କମିଟିର ବୈଠକ ଶନିବାର ମଧ୍ୟାହ୍ନ ସାଢେ ୧୨ଟା ସମୟରେ ଜିଲାପାଳଙ୍କ କାର୍ଯ୍ୟାଳୟ ସଦ୍‌ଭାବନା ହଲ୍‌ରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଜିଲାପାଳ ଆଶିଷ ଈଶ୍ୱର ପାଟିଲ ଅଧ୍ୟକ୍ଷତା କରିଥିଲେ। ଜାନୁଆରୀ ମାସରେ ଜିଲାରେ ମୋଟ ୪୨ ଦୁର୍ଘଟଣା ଘଟି ୧୩ଜଣଙ୍କ ମୃତ୍ୟୁ ଘଟିଥିବା ସୂଚନା ଦିଆଯାଇଥିଲା। ବିଶେଷକରି ଜିଲାର ସଦର ଥାନା, ମୋଟଙ୍ଗା ଥାନା, କାମାକ୍ଷାନଗର ଓ ପରଜଙ୍ଗ ଥାନା ଅଞ୍ଚଳରେ ଅଧିକ ଦୁର୍ଘଟଣା ଘଟୁଥିବା ଜଣାପଡିଛି । ଜିଲା ଆଞ୍ଚଳିକ ପରିବହନ ବିଭାଗ ଓ ପୋଲିସ ପକ୍ଷରୁ ଯାଞ୍ଚ କରାଯାଇ ମୋଟ ୩୮୨୪ ଜଣଙ୍କ ଲାଇସେନ୍ସ ରଦ୍ଦ କରାଯାଇଛି । ତନ୍ମଧ୍ୟରେ ଗତବର୍ଷ ଟ୍ରାଫିକ ନିୟମ ଉଲ୍ଲଂଘନ ଯୋଗୁ ୨୯୫୭ ଜଣଙ୍କ ଡ୍ରାଇଭିଂ ଲାଇସେନ୍ସ ୩ ମାସ ପାଇଁ ରଦ୍ଦ କରାଯାଇଥିଲା । ବୈଠକରେ ମୋଟଙ୍ଗା ଥାନା ଅଞ୍ଚଳରେ ବିଶେଷକରି ବାଇକ ନମ୍ବରକୁ ଭାରିଯାନରେ ଲଗାଇ ଜାଲ୍ କରି ବାଲି, ପଥର ଆଦି ଚୋରାଚାଲାଣ ହେଉଥିବା ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଏ ସମ୍ପର୍କରେ ମୋଟଙ୍ଗା ଥାନାରେ ଏକ ମାମଲା ମଧ୍ୟ ରୁଜୁ ହୋଇଥିବା ସୂଚନା ଦିଆଯାଇଥିଲା । ଜାଲ ନମ୍ବର ପ୍ଲେଟ୍ ଲଗାଇ ବାଲି, ପଥର ଆଦି ବୋଝେଇ କରୁଥିବା ଭାରିଯାନଗୁଡ଼ିକୁ ଯାଞ୍ଚ କରି ଜବତ କରିବା ପାଇଁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି । ଢେଙ୍କାନାଳ ଜିଲାର ଓଡ଼ାପଡ଼ା ବ୍ଲକ ହିନ୍ଦୋଳ ରୋଡଠାରୁ ଟାଟାଷ୍ଟିଲ ମେରାମଣ୍ଡଳୀ ମଧ୍ୟରେ ୫୫ନଂ ଜାତୀୟ ରାଜପଥ ଏବଂ ଅନ୍ୟାନ୍ୟ ରାସ୍ତାଗୁଡ଼ିକରେ ଦୁର୍ଘଟଣା ବଢୁଥିବାରୁ ଗୋଲଡେନ୍ ଆୱାର ସମୟରେ ଗୁରୁତର ଆହତ ବ୍ୟକ୍ତିଙ୍କୁ ବଞ୍ଚାଇବା ପାଇଁ ସମସ୍ତ ବ୍ୟବସ୍ଥା କରାଯିବା ଉପରେ ଆଲୋଚନା ହୋଇଥିଲା । ଓଡ଼ାପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ମେରାମଣ୍ଡଳୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ନିୟମିତ ଡାକ୍ତରଙ୍କ ସହ ଆମ୍ବୁଲାନ୍ସ ଏବଂ ଚିକିତ୍ସା ସାମଗ୍ରୀ ରଖିବାକୁ ଗୁରୁତ୍ୱ ଦିଆଯାଇଥିଲା । ବ୍ଲାକ୍ ସ୍ପଟ୍‌କୁ ଚିହ୍ନଟ କରି ଉକ୍ତ ସ୍ଥାନରେ ସାଇନେଜ୍ ଲଗାଇବା ଉପରେ ଗୁରୁତ୍ୱ ଦିଆଯାଇଥିଲା । ହିନ୍ଦୋଳରୋଡ ଅଗ୍ନିଶମ ସେବା କେନ୍ଦ୍ରରେ ୮ମାସ ହେବ କୌଣସି ଅଧିକାରୀ ନ ଥିବାରୁ ତୁରନ୍ତ ସେଠାରେ ଜଣେ ଅଧିକାରୀଙ୍କୁ ଅବସ୍ଥାପିତ କରିବା ପାଇଁ ଦାବି ହୋଇଥିଲା । ଢେଙ୍କାନାଳ କଲେଜ ବାଇପାସ୍‌ଠାରେ ସର୍ଭିସ ରୋଡ଼କୁ ଅଧିକ ଚଉଡ଼ା କରିବା ସହ ସାଇନେଜ ଲଗାଇବା ଉପରେ ଗୁରୁତ୍ୱ ଦିଆଯାଇଥିଲା । ବୈଠକରେ ପୂର୍ତ୍ତବିଭାଗ ଅଧୀକ୍ଷଣ ଯନ୍ତ୍ରୀ ଜୟନ୍ତ ପ୍ରସାଦ ନାୟକ ଗତ ବୈଠକରେ ହୋଇଥିବା ନିଷ୍ପତ୍ତିଗୁଡ଼ିକ ସମ୍ପର୍କରେ ଆଲୋକପାତ କରିଥିଲେ । ଜିଲା ଆଞ୍ଚଳିକ ପରିବହନ ଅଧିକାରୀ ଶିବାଶିଷ ସାହୁ ଜିଲାରେ ଘଟିଥିବା ଦୁର୍ଘଟଣା ସମ୍ପର୍କିତ ତଥ୍ୟ ଉପସ୍ଥାପନ କରିଥିଲେ । ସଦସ୍ୟ ରୁଦ୍ର ନାରାୟଣ ତ୍ରିପାଠୀ, ସତ୍ୟ ସ୍ୱରୂପ ଦାସ, ପ୍ରଦ୍ୟୁମ୍ନ ରଥ, ଜିତେନ୍ଦ୍ର ପଟ୍ଟନାୟକ, ବିରଞ୍ଚି ନାରାୟଣ ପାଣି ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

# ଦୁର୍ଗମ ଅଞ୍ଚଳ ପରିଦର୍ଶନକଲେ ଜିଲା କୃଷି ଅଧିକାରୀ

କାମାକ୍ଷାନଗର,୨୧।୨ (ସୁଧୀର କୁମାର ପରିଡ଼ା)

ଢେଙ୍କାନାଳ ଜିଲା କଙ୍କଡ଼ାହାଡ଼ ବ୍ଲକ କାନ୍ତୋଲ ପଞ୍ଚାୟତର ଦୁର୍ଗମ ଅଞ୍ଚଳ ଏକୁଲ, ପୁଟିପାଳ, ସେକୁଲ ଓ କୋଟ ଗ୍ରାମକୁ ଶୁକ୍ରବାର ଜିଲା କୃଷି ଅଧିକାରୀ ପ୍ରଦୀପ କୁମାର ବେଉରା ପରିଦର୍ଶନ କରିଛନ୍ତି। ଲୋକଙ୍କ ଚାଷ ସମ୍ବନ୍ଧୀୟ ସମସ୍ୟା ପଚାରି ବୁଝିଛନ୍ତି। ଏହି ଅଞ୍ଚଳର ଚାଷୀମାନେ କିଭଳି ଆଧୁନିକ ପଦ୍ଧତିରେ ବିଭିନ୍ନ ଚାଷ କରି ସ୍ୱାବଲମ୍ବୀ ହୋଇପାରିବେ ସେ ବିଷୟରେ ଆଲୋଚନା କରିଥିଲେ। ଏହି ଅପହଞ୍ଚ ଅଞ୍ଚଳର ୧୧୦ ପରିବାର ମଧ୍ୟରେ ୯୪ଜଣ ସିଏମ କିଷାନ ଯୋଜନାରେ ସାମିଲ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୮୧ଜଣ ଭୂମିହୀନ ବର୍ଗର, ୧୩ଜଣ ନାମମାତ୍ର ତଥା କ୍ଷୁଦ୍ରଚାଷୀ ବର୍ଗର ଅଛନ୍ତି। ଏକୁଲ ଗ୍ରାମରେ ୧୦ ଏକର ଚାଷ ଜମିରେ ରାଶି ବିହନ ଚାଷୀଙ୍କୁ ବଣ୍ଟନ କରାଯାଇଥିଲା। ଦୁର୍ଗମ ଅଞ୍ଚଳର ଲୋକଙ୍କୁ କୃଷି କ୍ଷେତ୍ରରେ ସମୃଦ୍ଧ କରାଯିବା ନିମନ୍ତେ କୃଷି ବିଭାଗ, ବ୍ଲକ ପ୍ରଶାସନ, ତହସିଲ ପ୍ରଶାସନ ଓ ୟୁକୋ ବ୍ୟାଙ୍କ କଙ୍କଡାହାଡ଼ ମିଳିତ ସହଯୋଗରେ ଏକୁଲ ଗ୍ରାମଠାରେ ଶିବିର ଆୟୋଜନ କରାଯିବା ନେଇ ସ୍ଥିର ହୋଇଥିବା କୃଷି ବିଭାଗ ପକ୍ଷରୁ ସୂଚନା ମିଳିଛି। କୃଷି ଅଧିକାରୀଙ୍କ ପରିଦର୍ଶନ ସମୟରେ ଗୋଷ୍ଠୀ କୃଷି ଅଧିକାରୀ ମଧୁସ୍ମିତା ଶତପଥୀ, ଅତିରିକ୍ତ କୃଷି ଅଧିକାରୀ ପ୍ରୀତମ ପୂର୍ତ୍ତି, ଗ୍ରାମ୍ୟ କୃଷି କର୍ମଚାରୀ ସଂଯୁକ୍ତା ଦେହୁରୀ, ଛାୟାକାନ୍ତ ନାୟକ ପ୍ରମୁଖ ଉପସ୍ଥିତ ଥିଲେ । ଆଇସିଆଇ ଜିଲା ପରିଚାଳକ ଆଶୁତୋଷ ପଣ୍ଡା, କାନ୍ତୋଲ କୃଷକ ସାଥୀ ସହଯୋଗ କରିଥିଲେ ।


ଚାଷୀମାନଙ୍କୁ ରାଶି ବିହନ ବଣ୍ଟନ କରୁଛନ୍ତି କୃଷି ଅଧିକାରୀ ।

# ତଳବେରଣା କ୍ରିକେଟ ଟୁର୍ଣ୍ଣାମେଣ୍ଟ, ଗଇଲୋ ଚାମ୍ପିୟନ


ଅତିଥିମାନେ ବିଜୟୀ ଦଳକୁ ଟ୍ରଫି ପ୍ରଦାନ କରୁଛନ୍ତି ।

ପରଜଙ୍ଗ, ୨୧।୨ (ନିଗମାନନ୍ଦ ଦଳବେହେରା)

ଢେଙ୍କାନାଳ ଜିଲା ପରଜଙ୍ଗ ବ୍ଲକ ସାଆନ୍ଦା ପଞ୍ଚାୟତ ତଳବେରଣା କ୍ରିକେଟ ଟିମ୍ ଆନୁକୂଲ୍ୟରେ ୧୨ ତାରିଖଠାରୁ ତଳବେରେଣା ମା' କାଳୀପଡ଼ିଆରେ ଚାଲିଥିବା ଟୁର୍ଣ୍ଣାମେଣ୍ଟ ଶୁକ୍ରବାର ଉଦ୍‌ଯାପିତ ହୋଇଛି। ଏହି ଟୁର୍ଣ୍ଣାମେଣ୍ଟରେ ମୋଟ ୮ଟି ଟିମ ଅଂଶଗ୍ରହଣ କରିଥିଲେ। ଶୁକ୍ରବାର ଫାଇନାଲ ମ୍ୟାଚରେ ଗଇଲୋ ଓ ଶିଆରିମାଳିଆ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଶିଆରିମାଳିଆ ଟସ୍ ଜିତି ପ୍ରଥମେ ଗଇଲୋକୁ ବ୍ୟାଟିଂ କରିବାକୁ ନିମନ୍ତ୍ରଣ କରିଥିଲା। ଗଇଲୋ ପ୍ରଥମେ ବ୍ୟାଟିଂ କରି ନର୍ଦ୍ଧାରିତ ୧୦ ଓଭରରେ ୫ ଉଇକେଟ ହରାଇ ୧୩୧ ରନ ସଂଗ୍ରହ କରିଥିଲା। ଜବାବରେ ୧୩୨ରନ ଲକ୍ଷ୍ୟ ନେଇ ଶିଆରିମାଳିଆ ୧୦ ଓଭରରେ ୬ ଉଇକେଟ ହରେଇ ୧୦୩ ରନ ସଂଗ୍ରହ କରିପାରିଥିଲା। ଫଳରେ ଗଇଲୋ ଟିମ୍ ଚାମ୍ପିୟନ ହୋଇଥିଲା। ଏହି ଉଦଯାପନୀ କ୍ରୀଡ଼ାରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ଜୟନ୍ତୀ ଦାସ, ସମ୍ମାନିତ ଅତିଥି ଭାବେ ରମେଶ ମିଶ୍ର ଓ ସାମାଜିକ କର୍ମୀ ଆଶିଷ ପଣ୍ଡା, ଭାଜପା କର୍ମୀ ରଙ୍ଗାଧର ପାଣି, ମନୋହର ଦାସ ପ୍ରମୁଖ ଯୋଗଦେଇ ଚାମ୍ପିୟନ ଏବଂ ରନର ଅପ୍ ଟିମ୍‌କୁ ଟ୍ରଫି ସହ ଅର୍ଥରାଶି ପ୍ରଦାନ କରିଥିଲେ । ଅମ୍ପାୟାର ଭାବେ ଗୌତମ ପ୍ରଧାନ ଓ ଶୁଭଙ୍କର ବେହେରା କାର୍ଯ୍ୟ ତୁଲାଇ ଥିବାବେଳେ ସୋମନାଥ ପଣ୍ଡା ଧାରା ବିବରଣୀ ପ୍ରଦାନ କରିଥିଲେ। ସ୍କୋରର ଭାବେ ଲିପୁ ବେହେରା କାର୍ଯ୍ୟ ତୁଲାଇଥିଲେ।

# ଆଲୁମ୍ନି ଆସୋସିଏଶନ ସଦସ୍ୟଙ୍କ ଅସନ୍ତୋଷ

ଢେଙ୍କାନାଳ,୨୧।୨(ରତନ ନାୟାର)

**ବିଶ୍ୱବିଦ୍ୟାଳୟ ମାନ୍ୟତାରୁ ବଞ୍ଚିତ ଢେଙ୍କାନାଳ କଲେଜ**

**ସରକାରଙ୍କ ଦୃଷ୍ଟି ଆକର୍ଷଣ ପାଇଁ ଆଲୋଚନା**

ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟ ୧୯୫୯ରୁ ପ୍ରତିଷ୍ଠିତ। ରାଜ୍ୟର ଏକ ପ୍ରମୁଖ ମହାବିଦ୍ୟାଳୟ ଭାବରେ ଏହାର ସ୍ୱତନ୍ତ୍ର ପରିଚୟ ରହିଆସିଛି । କିନ୍ତୁ ଚଳିତ ବଜେଟ୍‌ରେ ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟଟି ବିଶ୍ୱବିଦ୍ୟାଳୟ ମାନ୍ୟତାରୁ ବଞ୍ଚିତ ହେବାରୁ ଏହାକୁ ନେଇ ଆଲୁମ୍ନି ଆସୋସିଏଶନର ସଦସ୍ୟମାନେ ତୀବ୍ର ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଏ ସଂକ୍ରାନ୍ତରେ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯାଇ ଏହାର ପୁନଃବିଚାର ପାଇଁ ନିବେଦନ କରିବା ଲାଗି ସଦସ୍ୟମାନଙ୍କ ମଧ୍ୟରେ ଆଲୋଚନା ହୋଇଛି । ଶନିବାର ଆଲୁମ୍ନି ଆସୋସିଏଶନର ଉପଦେଷ୍ଟା ପ୍ରଦ୍ୟୁମ୍ନ ରଥଙ୍କ ସମେତ ଉପସଭାପତି ସୁକାନ୍ତ କୁମାର ମିଶ୍ର, କୋଷାଧ୍ୟକ୍ଷ ସୁନିଲ ଦାଶ ପ୍ରମୁଖ ମହାବିଦ୍ୟାଳୟ ପରିସରରେ ଭାରପ୍ରାପ୍ତ ଅଧ୍ୟକ୍ଷ, ବିଭିନ୍ନ ବିଭାଗର ମୁଖ୍ୟମାନଙ୍କ ସହ ଶିକ୍ଷାନୁଷ୍ଠାନର ଭିତ୍ତିଭୂମି, ବିଭିନ୍ନ ସମସ୍ୟା ଓ ଏହାର ନିରାକରଣ ସମ୍ପର୍କରେ ପଚାରି ବୁଝିଥିଲେ । ସେହିପରି ଗତ ସରକାରଙ୍କ ସମୟରେ ମହାବିଦ୍ୟାଳୟର ଉନ୍ନତୀକରଣ ପାଇଁ ୭ କୋଟି ଟଙ୍କାର ପ୍ରସ୍ତାବ ସମ୍ପର୍କରେ ମଧ୍ୟ ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀଙ୍କ ସହ ଆଲୋଚନା କରିଥିଲେ । ଗୁଣାତ୍ମକ ଶିକ୍ଷା, ବିଭିନ୍ନ ବିଭାଗରେ ଖାଲି ପଡ଼ିଥିବା ପଦବୀ ପୂରଣ, ନୂତନ ପଦବୀ ସୃଷ୍ଟି, ପ୍ରଶାସନିକ ଗୃହ ନିର୍ମାଣ ସହିତ ଆବଶ୍ୟକ ଶ୍ରେଣୀଗୃହ ନିର୍ମାଣ, ସ୍ନାତକୋତ୍ତର ବିଭାଗ ପାଇଁ ସ୍ୱତନ୍ତ୍ର ଶ୍ରେଣୀଗୃହ ନିର୍ମାଣ, ଉନ୍ନତମାନର ଲାଇବ୍ରେରି ଓ ପାଠାଗାର ନିର୍ମାଣ, ଅତ୍ୟାଧୁନିକ ଛାତ୍ରୀଛାତ୍ର ଓ ଷ୍ଟାଫଙ୍କ ପାଇଁ କମନରୁମ, ଖେଳପଡ଼ିଆରେ ଉନ୍ନତୀକରଣ, ବଟାନିକାଲ ଗାର୍ଡେନରେ ଉନ୍ନତୀକରଣ, ପାନୀୟଜଳ, କ୍ୟାଣ୍ଟିନ, ଆଲୋକ ଓ ପାର୍କିଂ ବ୍ୟବସ୍ଥା, ଷ୍ଟାଫ୍ କ୍ୱାର୍ଟର ମରାମତି, ପୂର୍ବରୁ ମହାବିଦ୍ୟାଳୟ ପରିସରରେ ଥିବା ଡାକଘର ଓ ବ୍ୟାଙ୍କ ଶାଖାର ପୁନଃସ୍ଥାପନ ଆଦିକୁ ନେଇ ଆଲୋଚନା ହୋଇଥିଲା । ଖୁବ୍‌ଶୀଘ୍ର ଆଲୁମ୍ନି ଆସୋସିଏଶନର ଏକ ପ୍ରତିନିଧି ଦଳ ରାଜ୍ୟ ସରକାରଙ୍କୁ ଭେଟିଏ ସଂକ୍ରାନ୍ତରେ ସ୍ମାରକପତ୍ର ପ୍ରଦାନ ପାଇଁ ଆଲୋଚନା ହୋଇଛି । ଆଲୋଚନା ସମୟରେ ମହାବିଦ୍ୟାଳୟ ପକ୍ଷରୁ ଡ. ବିଭୁଦତ୍ତ ଦାସ, ଡ. ଆର ଏନ୍ ଖୁଣ୍ଟିଆ, ଡ. ରବର୍ଟ ଭତ୍ରା, ଡ. ସମ୍ବିତ ସାହୁ ଓ ଡ. ଭୂପେଶ ସାହୁ ପ୍ରମୁଖ ଆଲୋଚନାରେ ଉପସ୍ଥିତ ଥିଲେ ।

# ଘର କବାଟ ଆଗରେ ହାତୀ



ଢେଙ୍କାନାଳ,୨୧।୨(ରତନ ନାୟାର)

ଢେଙ୍କାନାଳ ପୌରାଞ୍ଚଳର ୮ନଂ ୱାର୍ଡ ଗଜମରା ଅଞ୍ଚଳରେ ଗତ ୪ ଦିନ ହେବ ଏକ ଗୋଠଛଡ଼ା ଦନ୍ତା ହାତୀର ଉପଦ୍ରବକୁ ନେଇ ଅଞ୍ଚଳବାସୀ ଆତଙ୍କିତ ହୋଇପଡ଼ିଛନ୍ତି । ହାତୀଟି ଶୁକ୍ରବାର ରାତି ପ୍ରାୟ ୯ଟା ସମୟରେ ଗଜମରା ଅଞ୍ଚଳର ଜନବସତି ଅଞ୍ଚଳ ରାସ୍ତାରେ ବହୁ ସମୟ ଧରି ବୁଲାଚଲା କରିବା ସହିତ ବିଭିନ୍ନ ଲୋକଙ୍କ ବାଡ଼ିରେ ପଶି କଦଳୀ ଗଛଗୁଡ଼ିକ ଭାଙ୍ଗି ଦେଇଥିଲା । ସେହିପରି କୋଠାଘରଗୁଡ଼ିକ କବାଟ ସମ୍ମୁଖରେ ହାତୀଟି ବହୁ ସମୟ ଧରି ଛିଡ଼ାହୋଇ ରହିବାରୁ ଲୋକମାନେ କବାଟ ବନ୍ଦ କରି ଘର ଭିତରେ ଆତଙ୍କିତ ହୋଇ ବସିରହିଥିଲେ । ଗୋଠଛଡ଼ା ଦନ୍ତାହାତୀକୁ ନେଇ ଉକ୍ତ ଅଞ୍ଚଳରେ କୋକୁଆଭୟ ସୃଷ୍ଟି ହୋଇଛି । ହାତୀଟିକୁ ତୁରନ୍ତ ଅନ୍ୟତ୍ର ସ୍ଥାନାନ୍ତର କରିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି । ଖବରପାଇ ବନବିଭାଗ କର୍ମଚାରୀ ଓ ହାତୀ ସ୍କ୍ୱାର୍ଡ ସଦସ୍ୟ ଘଟଣାସ୍ଥଳରେ ପହଞ୍ଚି ହାତୀଟିକୁ ଉକ୍ତ ଅଞ୍ଚଳରୁ ଘଉଡ଼ାଇବା ପାଇଁ ଉଦ୍ୟମ ଆରମ୍ଭ କରିଛନ୍ତି । ଏ ସଂକ୍ରାନ୍ତରେ ଜିଲା ବନଖଣ୍ଡ ଅଧିକାରୀ ସୁମିତ କୁମାର କର କୁହନ୍ତି ଯେ, ଗତବର୍ଷ ମଧ୍ୟ ଉକ୍ତ ଅଞ୍ଚଳକୁ ହାତୀପଲ ଆସିଥିଲେ । ଏହି ଦନ୍ତାହାତୀଟି କଟକ ଜିଲା ଆଠଗଡ଼ ବନଖଣ୍ଡ ଅଞ୍ଚଳରୁ ଆସିଛି । ଗୁଡ଼ାଏ କଦଳୀଗଛ ନଷ୍ଟ କରିଛି। ହାତୀଟିର ଗତିବିଧି ଉପରେ ବନ କର୍ମଚାରୀ ନଜର ରଖିଛନ୍ତି । ତାକୁ ଉକ୍ତ ଅଞ୍ଚଳରୁ ଘଉଡ଼ାଇବା ପାଇଁ ପ୍ରୟାସ ଜାରି ରହିଛି ।

# ମହିମା କଲେଜରେ ବିଶ୍ୱ ମାତୃଭାଷା ଦିବସ

ଢେଙ୍କାନାଳ,୨୧।୨(ରତନ ନାୟାର)

ଢେଙ୍କାନାଳ ଜିଲା ଯୋରନ୍ଦାସ୍ଥିତ ମହିମା ମହାବିଦ୍ୟାଳୟର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ପକ୍ଷରୁ ବିଶ୍ୱ ମାତୃଭାଷା ଦିବସ ଏବଂ ଚଳିତବର୍ଷର ତୃତୀୟ ସମ୍ମାନ କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ପ୍ରହଲ୍ଲାଦ କୁମାର ସ୍ୱାଇଁ କାର୍ଯ୍ୟକ୍ରମରେ ସଭାପତିତ୍ୱ କରି ଓଡିଆ ସମ୍ମାନର ଛାତ୍ରୀଛାତ୍ର ହିସାବରେ ଶବ୍ଦ ଜ୍ଞାନ, ବ୍ୟାକରଣ ଜ୍ଞାନ ଓ ଭାଷାଜ୍ଞାନ ଅଧିକ ରଖିବାକୁ ପରାମର୍ଶ ଦେଇଥିଲେ। ଇଂଲିଶ ବିଭାଗ ମୁଖ୍ୟ ଶରତ ଚନ୍ଦ୍ର ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଶ୍ୱ ମାତୃଭାଷା ଦିବସ ପାଳନର ଉଦ୍ଦେଶ୍ୟ ଏବଂ ବର୍ତ୍ତମାନ ଭାଷାର ସ୍ଥିତି ସମ୍ପର୍କରେ ଆଲୋକପାତ କରି ଭାଷା ବଞ୍ଚିବା ପାଇଁ ଗ୍ରହଣଶୀଳତାର ଆବଶ୍ୟକତା ରହିଛି ବୋଲି ମତ ରଖିଥିଲେ। ସମ୍ମାନିତ ଅତିଥି ଭାବେ ସଂସ୍କୃତ ବିଭାଗ ଅଧ୍ୟାପକ ଦିଲୀପ କୁମାର ପଣ୍ଡା ଯୋଗଦେଇ ଶାସ୍ତ୍ରୀୟ ଭାଷା ସମ୍ପର୍କରେ ନିଜର ମତ ରଖିଥିଲେ। ଅଧ୍ୟାପକ ସୂର୍ଯ୍ୟକାନ୍ତ ଦାସ ଓଡିଆ ଭାଷା ଶାସ୍ତ୍ରୀୟ ମାନ୍ୟତା ପାଇବା ପରେ ସରକାରଙ୍କ ଦ୍ୱାରା ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ନିଜର ଅଭିଭାଷଣ ରଖିଥିଲେ । ବିଭାଗୀୟ ମୁଖ୍ୟ ଡ. ଗୀତାଞ୍ଜଳି ସାହୁ ସ୍ୱାଗତ ଭାଷଣ ଏବଂ ସମ୍ମାନର ଆଭିମୁଖ୍ୟ ଉପସ୍ଥାପନ କରିଥିଲେ। ଅଧ୍ୟାପିକା ବିଷ୍ଣୁପ୍ରିୟା ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ଅଧ୍ୟାପକ କାମାକ୍ଷା ବେହେରା ସମ୍ମାନର ଭାବସୂଚୀ ପ୍ରଦାନ କରିଥିଲେ। ତୃତୀୟବର୍ଷର ଛାତ୍ର ପବିତ୍ର ବିଶ୍ୱାଳ 'ଓଡିଆ ଏକ ଶାସ୍ତ୍ରୀୟ ଭାଷା' ଶୀର୍ଷକ ନିବନ୍ଧ ପାଠ କରିଥିଲେ। ଛାତ୍ରୀ ରୋଜାଲିନ, ଅନସୂୟା, ବର୍ଷା, କ୍ରୀଷ୍ଟା, ଛାତ୍ର ସୁଦର୍ଶନ ବିଶ୍ୱ ମାତୃଭାଷା ଦିବସ ଉପରେ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ । ଛାତ୍ରୀ ସୁଦୀପ୍ତି ସ୍ୱାଇଁ ଆନୁଷ୍ଠାନିକ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଭାଗର ସମସ୍ତ ଛାତ୍ରୀଛାତ୍ର ଯୋଗଦେଇ କାର୍ଯ୍ୟକ୍ରମରେ ସହାୟତା ପ୍ରଦାନ କରିଥିଲେ।



କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିବୃନ୍ଦ ।

# ସ୍ୱାସ୍ଥ୍ୟ ଶିବିରରେ ୩୦୦ ବ୍ୟକ୍ତିଙ୍କ ସ୍ୱାସ୍ଥ୍ୟ ପରୀକ୍ଷା

ରାସୋଳ,୨୧।୨(ସରୋଜ ମିଶ୍ର)

ଢେଙ୍କାନାଳ-ଅନୁଗୋଳ ଡେଭେଲପମେଣ୍ଟ ଆସୋସିଏଶନ ଓ ହିନ୍ଦୋଳ ବ୍ଲକର ବାଙ୍କଟିଆ ଗଣେଶ୍ୱର କ୍ଲବ ଏବଂ ସ୍ୱର୍ଣ୍ଣ ହସ୍ପିଟାଲର ମିଳିତ ସହଯୋଗରେ ଶୁକ୍ରବାର କ୍ଲବ ପରିସରରେ ଏକ ନିଃଶୁଳ୍କ ସ୍ୱାସ୍ଥ୍ୟ ଶିବିର ଆୟୋଜିତ ହୋଇଯାଇଛି। ଡା. ପ୍ରିୟବ୍ରତ ଧୀର, ଡା. ଅମର ପ୍ରସାଦ ଷଡଙ୍ଗୀ, ଡା. ସୁନିଲ କୁମାର ନାଥ ଓ ସହଯୋଗୀଙ୍କ ଦ୍ୱାରା ଚିକିତ୍ସା କରାଯାଇଥିଲା । ଆଖପାଖ ଅଞ୍ଚଳର ୩୦୦ରୁ ଉର୍ଦ୍ଧ୍ୱ ରୋଗୀ ଚିକିତ୍ସିତ ହୋଇଥିଲେ। ମାଗଣାରେ ଔଷଧ ଓ ଚଷମା ବିତରଣ କରାଯାଇଥିଲା। କାର୍ଯ୍ୟକ୍ରମକୁ ଢେଙ୍କାନାଳ-ଅନୁଗୋଳ ଡେଭେଲପମେଣ୍ଟ ଆସୋସିଏଶନର ସଭାପତି କୃଷ୍ଣଚନ୍ଦ୍ର ଆଇଚ, ସାଧାରଣ ସମ୍ପାଦକ କିଶୋର କୁମାର ମିଶ୍ର, ଢେଙ୍କାନାଳ ଜିଲାର କାର୍ଯ୍ୟକାରୀ ସଭାପତି ଧନେଶ୍ୱର ସାହୁ, ସମ୍ପାଦକ ଅମ୍ବୁଜ କୁମାର ଶତପଥୀ, ହିନ୍ଦୋଳର ଆବାହକ ରତିକାନ୍ତ ଗଡ଼ନାୟକ ଓ ରାସୋଳର ରାମନାରାୟଣ ସର ପ୍ରମୁଖ ଉପସ୍ଥିତ ଥିଲେ। ସ୍ୱାସ୍ଥ୍ୟ ଶିବିରରେ ଇସିଜି, ରକ୍ତ ପରୀକ୍ଷା, ରକ୍ତଚାପ, ବ୍ଲଡ ସୁଗାର, ଚକ୍ଷୁ ଆଦି ଚିକିତ୍ସା କରାଯାଇଥିଲା । ଗଣେଶ୍ୱର କ୍ଲବର ସଭାପତି ଶ୍ରୀନିବାସ ମିଶ୍ର, ସମ୍ପାଦକ ରାଜେନ୍ଦ୍ର କୁମାର ପାଳ, ବରିଷ୍ଠ ସଦସ୍ୟ ବାଉରୀବନ୍ଧୁ ପାଳ, ସୁକାନ୍ତି ନାଏକ, ରଘୁନାଥ ପାଳ, ସୁଶୀଲ କୁମାର ପାଳ, ବିନୟ ବିହାରୀ ମିଶ୍ର, ବିମଳ କୁମାର ମିଶ୍ର, ଲକ୍ଷ୍ମୀନାରାୟଣ ମିଶ୍ର ପ୍ରମୁଖ ଉପସ୍ଥିତ ରହି ଅନୁଷ୍ଠାନର କର୍ମୀମାନଙ୍କ ସହିତ ସମସ୍ତ କାର୍ଯ୍ୟ ପରିଚାଳନା କରିଥିଲେ।

# ସ୍ୱଚ୍ଛ ଭାରତ ଅଭିଯାନ ସଚେତନତା ଶିବିର

ଢେଙ୍କାନାଳ,୨୧।୨(ରତନ ନାୟାର)

ଢେଙ୍କାନାଳ ଜିଲା ସଦର ବ୍ଲକ କାଇମାଟି ପଞ୍ଚାୟତର ଗହମଖୁଣ୍ଟି ଗ୍ରାମରେ ଏସ୍‌ବିଆଇ ସଞ୍ଜୀବନୀ କ୍ଲିନିକ-ଅନ୍-ହୁଇଲ୍ସ ଦ୍ୱାରା ସ୍ୱଚ୍ଛ ଭାରତ ଅଭିଯାନ ସଚେତନତା ଶିବିର ଶନିବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ସପନ କୁମାର ମହାନ୍ତି, ପ୍ରୋଗ୍ରାମ ଅଫିସର ବବିତା ବେହେରା, କାମାକ୍ଷାନଗର ମେଡିକାଲ ଅଫିସର ଡା. ଶ୍ୱେତା ଅଗ୍ରୱାଲ, ବେଲଟିକିରି ଶ୍ୱେତପଦ୍ମା ନାୟକ, ସାମାଜିକ କର୍ମୀ ଅଭିମନ୍ୟୁ ପଣ୍ଡା, କାର୍ଯ୍ୟକ୍ରମ ନିର୍ଦ୍ଦେଶକ ଅଲୋକ ଚନ୍ଦ୍ର ମହାନ୍ତି, ପିପୁଲ ଟୁ ପିପୁଲ ହେଲଥ ଫାଉଣ୍ଡେଶନର ପରାମର୍ଶଦାତା ତନ୍ମୟ କୁମାର ଶତପଥୀ, ମେଡିକାଲ ୟୁନିଟ ଟିମ୍‌ର ମେଡିକାଲ ଅଫିସର ସୁଧାଂଶୁବାଳା ପାଣିଗ୍ରାହୀ, ଫାର୍ମାସିଷ୍ଟ ପ୍ରତାପ କୁମାର ଶୁକ୍ଳା, ଷ୍ଟାଫ୍‌ନର୍ସ ସୁଭଦ୍ରା ବେହେରା, ଏଲଟି ରାଜକିଶୋର ମୁର୍ମୁ ଓ ବିନୋଦ ମଲ୍ଲିକ ପ୍ରମୁଖ ଯୋଗ ଦେଇଥିଲେ। ସଚେତନତା ସର୍ତ୍ତରେ ବ୍ୟକ୍ତିଗତ ସ୍ୱଚ୍ଛତା, ପରିଷ୍କାର-ପରିଚ୍ଛନ୍ନତା ପ୍ରଚଳନ, ଆବର୍ଜନା ପରିଚାଳନା ଓ ରୋଗ ପ୍ରତିରୋଧ ପାଇଁ ପରିବେଶକୁ ସଫା ରଖିବାର ଗୁରୁତ୍ୱ ବିଷୟରେ ଆଲୋଚନା କରାଯାଇଥିଲା। ଗ୍ରାମର ସେଶାନ ସାହୁ, ସୁଶୀଲ ସାହୁ, ବିଦ୍ୟାଧର ବେହେରା, ଅଭିମନ୍ୟୁ ଖିଲାର, ସ୍ମିତା ସାହୁ, ଅଙ୍ଗନୱାଡ଼ି କର୍ମୀ, ଆଶାକର୍ମୀମାନେ ସହଯୋଗ କରିଥିଲେ ।

# ହାତୀ ଆକ୍ରମଣରେ ମୃତ ମହିଳାଙ୍କ ପରିବାରକୁ ଭେଟିଲେ ଏମ୍‌ପି

ଢେଙ୍କାନାଳ,୨୧।୨(ରତନ ନାୟାର)


ଏମ୍‌ପି ରୁଦ୍ର ନାରାୟଣ ପାଣି ମୃତ ମହିଳାଙ୍କ ପରିବାରଙ୍କୁ ଭେଟି ସମବେଦନା ଜଣାଉଛନ୍ତି ।

ଢେଙ୍କାନାଳ ସଦର ରେଞ୍ଜ କାଇମାଟି ପଞ୍ଚାୟତର ଲୋଚାପଲି ଗ୍ରାମରେ ୧୦ ତାରିଖରେ ଦନ୍ତାହାତୀ ଆକ୍ରମଣରେ ୩ ଜଣ ମହିଳାଙ୍କ ମୃତ୍ୟୁ ଘଟିଥିଲା। ମୃତ ମହିଳାମାନଙ୍କ ଶନିବାର ଦ୍ୱାଦଶାହ ଥିବାବେଳେ ଏମ୍‌ପି ରୁଦ୍ର ନାରାୟଣ ପାଣି ଓ ଦଳୀୟକର୍ମୀ ଲୋଚାପଲି ଗ୍ରାମରେ ପହଞ୍ଚି ମୃତ ମହିଳାଙ୍କ ଫଟୋଚିତ୍ରରେ ପୁଷ୍ପ ପ୍ରଦାନ କରିବା ସହ ପରିବାର ସଦସ୍ୟଙ୍କୁ ଭେଟି ସମବେଦନା ଜ୍ଞାପନ କରିଥିଲେ । ମୃତାଙ୍କ ପରିବାରମାନଙ୍କୁ ସମ୍ପୂର୍ଣ୍ଣ ସହାୟତା ରାଶି ପ୍ରଦାନ ପାଇଁ ପ୍ରଶାସନ ସହିତ ଆଲୋଚନା କରିଥିଲେ । ଅଞ୍ଚଳରେ ହାତୀ ଉପଦ୍ରବ ରହୁଥିବାରୁ ବନ ବିଭାଗ ଅଧିକାରୀଙ୍କୁ ଲୋକମାନଙ୍କ ଧନଜୀବନ ଉପରେ ଗୁରୁତ୍ୱ ଦେବା ସହ ହାତୀର ଗତିବିଧି ଉପରେ ନଜର ରଖିବାକୁ ଏମ୍‌ପି ପରାମର୍ଶ ଦେଇଥିଲେ। ମୃତାଙ୍କ ପରିବାରବର୍ଗ ଓ ଆହତଙ୍କ ପରିବାରକୁ ଏମ୍‌ପି ବ୍ୟକ୍ତିଗତ ଭାବେ ଆର୍ଥିକ ସହାୟତା ପ୍ରଦାନ କରିଥିଲେ। ଏମ୍‌ପିଙ୍କ ସହିତ ନରେଶ ଚନ୍ଦ୍ର ମହାପାତ୍ର, ଜିଲା ସାଧାରଣ ସମ୍ପାଦକ ବିଷ୍ଣୁ ପ୍ରସାଦ ଲେଙ୍କା, ପୌର ପ୍ରତିନିଧି ରୁଦ୍ର ନାରାୟଣ ତ୍ରିପାଠୀ, ଗୋବିନ୍ଦପୁର ମଣ୍ଡଳ ସଭାପତି ରଞ୍ଜିତ୍ ଭିଶାଲ୍, ବିଭୁ ପ୍ରସାଦ ଦେହୁରୀ, ଅଭିନ୍ନ ବେହେରା, ଆଇନଜୀବୀ ଉତ୍ତମ କୁମାର ଦାସ ଓ ଦଳୀୟ କର୍ମୀ ଉପସ୍ଥିତ ଥିଲେ । ଏମ୍‌ପି ଗ୍ରାମର ଲୋକଙ୍କୁ ଭେଟି ସେମାନଙ୍କର ସମସ୍ୟା ସମ୍ପର୍କରେ ପଚାରି ବୁଝିଥିଲେ । ଗ୍ରାମ ଛକରେ ଭିନ୍ନକ୍ଷମ ବ୍ୟକ୍ତି ନାରାୟଣ ପଧାନ ଛୋଟିଆ ସାଇକେଲ୍ ଦୋକାନ କରି ନିଜର ପରିବାର ପ୍ରତିପୋଷଣ କରୁଥିବାବେଳେ ଏକ ବ୍ୟାଟେରିଚାଳିତ ସାଇକେଲ୍ ଓ ପ୍ରଧାନମନ୍ତ୍ରୀ ଆବାସ ପାଇଁ ଏମ୍‌ପିଙ୍କ ପାଖରେ ଗୁହାରି କରିଥିଲେ ।

# ଖବରଦାତା ଆକ୍ରମଣକାରୀଙ୍କୁ ଗିରଫ ଦାବି

ଢେଙ୍କାନାଳ, ପରଜଙ୍ଗ, ଗଁଦିଆ, ୨୧।୨(ରତନ ନାୟାର/ନିଗମାନନ୍ଦ ଦଳବେହେରା/ବିଶ୍ୱମୋହନ ସାହୁ)



ଗଁଦିଆ ପ୍ରେସ କ୍ଲବର ସଦସ୍ୟମାନେ ଦାବିପତ୍ର ପ୍ରଦାନ କରୁଛନ୍ତି। ପରଜଙ୍ଗରେ ଖବରଦାତାମାନେ ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି।

ଢେଙ୍କାନାଳ ଜିଲା ପରଜଙ୍ଗ ଅଞ୍ଚଳର ଖବରଦାତା ଶାନ୍ତନୁ କୁମାର ଭୁକ୍ତାଙ୍କୁ ଆକ୍ରମଣ କରି ହତ୍ୟା ଉଦ୍ୟମ ଘଟଣାକୁ ଓଡିଶା ସାମ୍ବାଦିକ ୟୁନିୟନ ଢେଙ୍କାନାଳ ଜିଲା ଶାଖା ଏବଂ ଢେଙ୍କାନାଳ ଜିଲା ସାମ୍ବାଦିକ ସଂଘ ପକ୍ଷରୁ ନିନ୍ଦା କରାଯାଇଛି । ଆକ୍ରମଣକାରୀଙ୍କୁ ତୁରନ୍ତ ଗିରଫ କରିବା ସହ ସାମ୍ବାଦିକ ସୁରକ୍ଷା ଆଇନ ପ୍ରଣୟନ ଦାବିରେ ଶନିବାର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳ ଆଶିଷ ଈଶ୍ୱର ପାଟିଲଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଦାବିପତ୍ର ପ୍ରଦାନ ସମୟରେ ଓୟୁଜେର ସାଧାରଣ ସମ୍ପାଦକ ଶିଶିର ଶତପଥୀ, ଜିଲା ସାମ୍ବାଦିକ ସଂଘର ସମ୍ପାଦକ ସତ୍ୟସ୍ୱରୂପ ଦାସ, ବିକାଶ ପଣ୍ଡା, ଦୀପକ ମିଶ୍ର, ଜ୍ଞାନରଞ୍ଜନ ଶତପଥୀ ପ୍ରମୁଖ ଜିଲାପାଳଙ୍କୁ ଭେଟି ଘଟଣା ସମ୍ପର୍କରେ ଆଲୋଚନା କରିଥିଲେ। ପ୍ରକାଶ ଥାଉକି ଖବରଦାତା ଭୁକ୍ତାଙ୍କୁ ଦୁର୍ବୃତ୍ତମାନେ ତାଙ୍କ ଗୋଡ଼ ଓ ହାତକୁ ଖଣ୍ଡାରେ ହାଣି ଆକ୍ରମଣ କରିଥିଲେ। ଏହି ଘଟଣାରେ ପୁଲିସ ଏପର୍ଯ୍ୟନ୍ତ ଜଣେ ହେଲେ ଅପରାଧୀଙ୍କୁ ଠାବ କରିପାରିନାହିଁ, ଯାହାକୁ ନେଇ ସଂଘ ପକ୍ଷରୁ ଉଦବେଗ ପ୍ରକାଶ କରାଯିବା ସହିତ ଆକ୍ରମଣକାରୀଙ୍କୁ ତୁରନ୍ତ ଗିରଫ କରିବାକୁ ଦାବି କରାଯାଇଛି। ସେହିପରି ପରଜଙ୍ଗ ବ୍ଲକ ସାମ୍ବାଦିକ ସଂଘ ସଭାପତି ବିନୟ କୁମାର ଦାସ, ସମ୍ପାଦକ ଅମରେନ୍ଦ୍ର ଦାସ, ନିଗମାନନ୍ଦ ଦଳବେହେରା, ସୁଜିତ ଦଳବେହେରା, ଚିରଞ୍ଜୀବୀ ଜେନା, ସୁବ୍ରତ ବିଶ୍ୱାଳ, ଭୀମସେନ ଖଟୁଆ, ଶଙ୍କର୍ଷଣ ସାହୁ, ବିପିନ ବିହାରୀ ଜେନା, ଗୋପବନ୍ଧୁ ଜେନା, ରିପୁ ରଞ୍ଜନ ବିଶ୍ୱାଳ, ସମୀର ଦେହୁରୀ ପ୍ରମୁଖ ସଦସ୍ୟ ତହସିଲଦାର ସୁଦେବ କୁମାର ପୃଷ୍ଟିଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ସେହିପରି ଗଁଦିଆ ପ୍ରେସ୍ କ୍ଲବ ପକ୍ଷରୁ ନିନ୍ଦା ପ୍ରକାଶ କରିବା ସହିତ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଗଁଦିଆ ବିଡିଓ ପବିତ୍ର କୁମାର ବେହେରାଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ଏହି ଅବସରରେ ଗଁଦିଆ ପ୍ରେସ କ୍ଲବ ଉପସଭାପତି ବାଦଲ ମହାନ୍ତି, ସଂଗଠନ ସମ୍ପାଦକ ପ୍ରଦୀପ କୁମାର ଦାସ, ସୁଦାମ ସାହୁ, ପ୍ରତ୍ୟୁଷହରି ପ୍ରଧାନ ଓ ବିଶ୍ୱମୋହନ ସାହୁ ପ୍ରମୁଖ ଉପସ୍ଥିତ ରହି ଦାବିପତ୍ର ପ୍ରଦାନ କରିଥିଲେ ।

## ସାପ୍ତାହିକ ହାଟ ଜମି ଜବରଦଖଲ ଅଭିଯୋଗ

**ବଇଣ୍ଡା, ୨୧।୨ (ପରିକ୍ଷିତ ସାହୁ)**

ଅନୁଗୋଳ ଜିଲା କିଶୋରନଗର ବ୍ଲକ ଆମ୍ବପାଳ ଛକ ନିକଟ ସାପ୍ତାହିକ ହାଟରେ ଥିବା ସରକାରୀ ଜମିକୁ ଜଣେ ବ୍ୟକ୍ତି ଜବରଦଖଲ କରି ମାଟି ଗଦାଇବା ସହ କିଛି ମୂଲ୍ୟବାନ ଗଛକୁ କାଟି ଦେଇଥିବା ଆମ୍ବପାଳ ସରପଞ୍ଚ ସୁଲୋଚନା ବୀର ଶୁକ୍ରବାର ଆଠମଲ୍ଲିକ ଡିଏଫ୍‌ଓଙ୍କ ଠାରେ ଅଭିଯୋଗ କରିଛନ୍ତି। ଅଭିଯୋଗପତ୍ରରେ ସରପଞ୍ଚ ଦର୍ଶାଇଛନ୍ତି, ଆମ୍ବପାଳ ଛକରେ ଏକ ସାପ୍ତାହିକ ହାଟ ପାଇଁ ଜମି ରହିଛି। ହେଲେ ଉକ୍ତ ଜମିକୁ ଜଣେ ବ୍ୟବସାୟୀ ଦଖଲକରି ମୋରମ ମାଟି ଗଦାଇଛନ୍ତି। ଉକ୍ତ ସ୍ଥାନରେ ଲାଗିଥିବା ଗଛଗୁଡ଼ିକ କାଟି ବାହାରକୁ ଚାଲାଣ କରିଛନ୍ତି। ଏ ନେଇ ପଞ୍ଚାୟତ ପକ୍ଷରୁ ବାରଣ କରାଯାଇଥିଲେ ମଧ୍ୟ ସୁଫଳ ମିଳିନାହିଁ। ମାଟି ଗଦା ହୋଇଥିବା ଯୋଗୁ ହାଟ ହେବାରେ ବ୍ୟାପକ ଅସୁବିଧା ସୃଷ୍ଟି ହେଉଛି। ତୁରନ୍ତ ଏଥିପ୍ରତି ବିଭାଗୀୟ ଅଧିକାରୀ ଦୃଷ୍ଟି ଦେଇ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହୋଇଛି। ଏ ନେଇ କିଶୋରନଗର ତହସିଲଦାର ବିକ୍ରମ ନାୟକ କହିଛନ୍ତି, ଅଭିଯୋଗ ସମ୍ପର୍କରେ ତଦନ୍ତ କରାଯିବ।

# ତାଳଚେରକୁ ସ୍ୱତନ୍ତ୍ର ଜିଲା କରିବାକୁ ଦାବି



ତାଳଚେର କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଉଛି।

**ତାଳଚେର, ୨୧।୨ (ମନୋଜ ନନ୍ଦ)**

ଅନୁଗୋଳ ଜିଲା ତାଳଚେରକୁ ଏକ ସ୍ୱତନ୍ତ୍ର ଜିଲା କରିବା ଦାବିରେ ତାଳଚେର ଜିଲା କ୍ରିୟାନୁଷ୍ଠାନ କମିଟିର ଏକ ପ୍ରତିନିଧିମଣ୍ଡଳୀ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ୱତନ୍ତ୍ର ଶାସନ ସଚିବ ସୁକାନ୍ତ କୁମାର ବେହେରାଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। କମିଟି ପକ୍ଷରୁ ଚୈତନ୍ୟ ପ୍ରଧାନ, ବିଭୂତି ପଟ୍ଟନାୟକ, କେଶବ ଭୂତିଆ, ବିଜୟ ପ୍ରଧାନ, ଦିଗାମ୍ବର ଗଡ଼ନାୟକ, ଅଭୟ ପାଣି, ପ୍ରହ୍ଲାଦ ସାହୁ ପ୍ରମୁଖ ଭୁବନେଶ୍ୱରସ୍ଥିତ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ସ୍ୱତନ୍ତ୍ର ଶାସନ ସଚିବଙ୍କୁ ଭେଟି ଆଲୋଚନା କରିଛନ୍ତି। ତାଳଚେର ସରକାରଙ୍କୁ ଅଧିକ ରାଜସ୍ୱ ଦେଉଥିବାରୁ ସରକାରଙ୍କ ରାଜସ୍ୱ ହାନି ନ ହେବା ପାଇଁ ତାଳଚେରକୁ ସ୍ୱତନ୍ତ୍ର ଜିଲା କରିବାର ଆବଶ୍ୟକତା ରହିଛି। ତାଳଚେର-ପାଲଲହଡ଼ା-ପରଜଙ୍ଗ ଜନସାଧାରଣଙ୍କ ଗମନାଗମନ ସୁବିଧା ଦୃଷ୍ଟିରୁ ତାଳଚେର ଜିଲା ହେଲେ ଏ ଅଞ୍ଚଳର ଜନସାଧାରଣ ଉପକୃତ ହୋଇପାରିବେ। ପାଲଲହଡ଼ା ସଦର ମହକୁମା ଠାରୁ ଜିଲାପାଳଙ୍କ କାର୍ଯ୍ୟାଳୟ ୯୦ କି.ମି. ହେଉଥିବାବେଳେ ପରଜଙ୍ଗର ଉପାନ୍ତ ଅଞ୍ଚଳରୁ ଢେଙ୍କାନାଳ ଜିଲାପାଳଙ୍କ କାର୍ଯ୍ୟାଳୟ ୯୦ କି.ମି. ଦୂର ହେଉଥିବାରୁ ଜନସାଧାରଣ ପ୍ରଶାସନିକ ସେବାରୁ ବଞ୍ଚିତ ହେଉଛନ୍ତି। ପାଲଲହଡ଼ା ଓ ପରଜଙ୍ଗବାସୀ ଶିକ୍ଷା, ସ୍ୱାସ୍ଥ୍ୟ, ଯୋଗାଯୋଗ, କର୍ମ ନିଯୁକ୍ତି ଆଦି ସମସ୍ତ ଉନ୍ନୟନ କାର୍ଯ୍ୟ ପାଇଁ ତାଳଚେର ଉପରେ ନିର୍ଭର କରୁଥିବାବେଳେ ତାଳଚେର ଜିଲା ହେଲେ ଏ ଅଞ୍ଚଳବାସୀ ସୁବିଧାରେ ପ୍ରଶାସନିକ ସେବା ପାଇପାରିବେ। ୧୯୯୨ ମସିହାର ଆନ୍ଦୋଳନ ବେଳେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ଭବିଷ୍ୟତରେ ତାଳଚେରକୁ ସ୍ୱତନ୍ତ୍ର ଜିଲା କରିବା ପାଇଁ ତାଳଚେରବାସୀଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ତେଣୁ ତାଳଚେରକୁ ସ୍ୱତନ୍ତ୍ର ଜିଲା କରିବା ପାଇଁ ତାଳଚେରବାସୀ ରାଜ୍ୟ ସରକାରଙ୍କ ପାଖରେ ଦୃଢ଼ ଦାବି କରିଛନ୍ତି।

## ହଣ୍ଡପାରେ ସିରିଜ ଦୁର୍ଘଟଣା, ୫ ଗୁରୁତର

**ବଇଣ୍ଡା, ୨୧।୨ (ପରିକ୍ଷିତ ସାହୁ)**

କଟକ -ସମ୍ବଲପୁର ୫୫ ନମ୍ବର ଜାତୀୟ ରାଜପଥର ହଣ୍ଡପା ଥାନା ହଣ୍ଡପା ଶିବ ମନ୍ଦିର ନିକଟରେ ଶୁକ୍ରବାର ରାତିରେ ଏକ ସିରିଜ ଦୁର୍ଘଟଣା ଘଟିଛି। ଏହି ଦୁର୍ଘଟଣାରେ ୫ ଜଣ ଗୁରୁତର ହୋଇଛନ୍ତି। ସୂଚନା ଅନୁଯାୟୀ, ଏକ ଟ୍ରେଲର ଅଚଳ ହୋଇ



ମନ୍ଦିର ନିକଟରେ ଛିଡ଼ା ହୋଇଥିବା ବେଳେ କଟକରୁ ସମ୍ବଲପୁର ଅଭିମୁଖେ ଯାଉଥିବା ଏକ ଯାତ୍ରୀବାହୀ ବସ୍ ଟ୍ରେଲର ପଛରେ ପିଟି ହୋଇଥିଲା। ସେହି ସମୟରେ ପଛରୁ ଆସୁଥିବା ଏକ ଆମ୍ବୁଲାନ୍ସ ମଧ୍ୟ ବସ୍ ପଛରେ ପିଟି ହୋଇଥିଲା। ଫଳରେ ବସ୍‌ରେ ବସିଥିବା ୩୦ ଜଣ ଯାତ୍ରୀଙ୍କ ମଧ୍ୟରୁ ୩ ଜଣ ଓ ଆମ୍ବୁଲାନ୍ସରେ ଥିବା ୨ ଜଣ ଗୁରୁତର ହୋଇଥିଲେ। ସେମାନଙ୍କୁ କିଶୋରନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ପୋଲିସ ୩ଟି ଗାଡି ଜବତ କରି ଏକ ମାମଲା ରୁଜୁ କରିଛି।

## ଗାଈକୁ ଧକ୍କା ଦେଇ ଓଲଟିଲା କାର୍: ଜଣେ ମୃତ, ୨ ଗୁରୁତର



ରାସ୍ତା ଉପରେ ଓଲଟି ପଡ଼ିଥିବା କାର।

**ବନ୍ତଲା.୨୧।୨ (ସୁଶିତ ସାହୁ)/ ଅନୁଗୋଳ(ଜ୍ୟୋତିରଞ୍ଜନ ସାହୁ)**

ଅନୁଗୋଳ ଜିଲା ବନ୍ତଲା ଥାନା ଅଞ୍ଚଳର ନୂଆ ବଡ଼କେରା ନିକଟରେ ଶନିବାର ଏକ କାର୍ (ନଂ. ଓଆର୍୧୯ ଇ-୦୧୦୪) ଗାଈକୁ ଧକ୍କା ଦେଇ ରାସ୍ତା ଉପରେ ଓଲଟି ପଡ଼ିଥିଲା। ଫଳରେ କାର୍‌ରେ ଥିବା ଧୁକୁଟା ଗାଁର ବିକାଶ ସାହୁ (୨୭)ଙ୍କ ମୃତ୍ୟୁ ହୋଇଥିଲା। ଗୁରୁତର ବାପୁନି ଦେହୁରୀ ଓ ଜଗତ ଦେହୁରୀଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରୁ ବାପୁନୀଙ୍କୁ କଟକ ସ୍ଥାନାନ୍ତର କରାଯାଇଛି। ସୂଚନା ଅନୁସାରେ, ସମ୍ପୃକ୍ତ ୩ଜଣ କାର୍‌ରେ ଗାଁ ଧୁକୁଟାକୁ ଫେରୁଥିବାବେଳେ ଗାଈ ଓ ବାଛୁରିକୁ ଧକ୍କା ଦେଇଥିଲେ। ଦୁର୍ଘଟଣା ପରେ କାର୍‌ଟି ରାସ୍ତାର ଅନ୍ୟ ପଟରେ ଓଲଟି ପଡ଼ିଥିଲା। ଏହି ସମୟରେ ବିପରୀତ ଦିଗରୁ ଆସୁଥିବା ଏକ ଟ୍ରକ୍ ଉକ୍ତ କାରକୁ ଧକ୍କା ଦେଇଥିଲା। ସ୍ଥାନୀୟ ଲୋକମାନେ ତୁରନ୍ତ ସମସ୍ତ ୩ଜଣଙ୍କୁ ଉଦ୍ଧାର କରି ଚିକିତ୍ସାଳୟକୁ ପଠାଇଥିଲେ। ବନ୍ତଲା ପୋଲିସ ଘଟଣାସ୍ଥଳକୁ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ମୃତଦେହକୁ ଜବତ କରି ପୋଷ୍ଟମର୍ଟମ ପାଇଁ ପଠାଯାଇଥିବା ସୂଚନା ମିଳିଛି। ଦୁର୍ଘଟଣାରେ ଗାଈ ଓ ବାଛୁରିର ମଧ୍ୟ ମୃତ୍ୟୁ ହୋଇଛି।

## ଶ୍ରାଦ୍ଧବାର୍ଷିକୀରେ ଶ୍ରମିକ ନେତାଙ୍କୁ ଶ୍ରଦ୍ଧାଞ୍ଜଳି

**ତାଳଚେର, ୨୧।୨ (ମନୋଜ ନନ୍ଦ)**

ଅନୁଗୋଳ ଜିଲା ତାଳଚେର ବୁଦ୍ଧିଜୀବୀ ଫୋରମ ପକ୍ଷରୁ ଗୁରୁବାର ସ୍ଥାନୀୟ ହାଟତୋଟା ଉପଜିଲାପାଳ ରୋଡ୍‌ସ୍ଥିତ ଅନୁଷ୍ଠାନର କାର୍ଯ୍ୟାଳୟ ଠାରେ ଶ୍ରମିକ ନେତା ସ୍ୱର୍ଗତ ବ୍ରହ୍ମାଶଙ୍କର ମିଶ୍ରଙ୍କ ତୃତୀୟ ବାର୍ଷିକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଂଘ ସଭାପତି ଗିରିଜା ଶଙ୍କର ମିଶ୍ର ଅଧ୍ୟକ୍ଷତା କରିବା ସହ ସ୍ୱର୍ଗତ ବ୍ରାହ୍ମାଶଙ୍କରଙ୍କ ଫୋଟଚିତ୍ରରେ ମାଲ୍ୟାର୍ପଣ କରିଥିଲେ। ସ୍ୱର୍ଗତ ମିଶ୍ର କୋଇଲା ଖଣିରେ କାର୍ଯ୍ୟ କରୁଥିବା ଶ୍ରମିକମାନଙ୍କୁ ନ୍ୟାୟ ଦେବା କ୍ଷେତ୍ରରେ ଜୀବନବ୍ୟାପୀ ସଂଗ୍ରାମ ଜାରି ରଖିଥିବାରୁ ଶ୍ରମିକମାନଙ୍କ କଲ୍ୟାଣ ସମ୍ଭବପର ହୋଇପାରିଛି ବୋଲି କହିଥିଲେ। ଏଥିସହିତ ସର୍ଗତ ମିଶ୍ର ଜଣେ କବି, ସାହିତ୍ୟିକ, ଲେଖକ ଥିଲେ ବୋଲି କହିଥିଲେ। ନିମନ୍ତ୍ରିତ ଅତିଥି ଭାବେ ଦେବୀ ମିଶ୍ର, ଡ. ରଶ୍ମି ରଞ୍ଜନ ମିଶ୍ର, ବରିଷ୍ଠ ଆଇନଜୀବୀ ନିର୍ମଳ ତ୍ରିପାଠୀ, ଆଇନଜୀବୀ ବିଦ୍ୟାଧର ନାୟକ, ଶିକ୍ଷାବିତ୍ ବିଭୂତି ଭୂଷଣ ମିଶ୍ର, କାଉନସିଲର ଯଶୋବନ୍ତ ମିଶ୍ର, ସନ୍ତୋଷ ବେହେରା, ବାବୁନି ସ୍ୱାଇଁ, କଂଗ୍ରେସ ନେତା କେଶବ ଭୂତିଆ, ପୂର୍ବତନ ଜିଲା ପରିଷଦ ସଦସ୍ୟ ରାଜକିଶୋର ସାହୁ, ତପନ କୁମାର ମହାରଣା ପ୍ରମୁଖ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

## ସାହିତ୍ୟରେ ପ୍ରତିଫଳିତ ହୋଇଥିଲା ରାଧାମୋହନଙ୍କ ଦୃଷ୍ଟିଭଙ୍ଗୀ




**ଅନୁଗୋଳ, ୨୧।୨ (ମାନସ ବିଶ୍ୱାଳ)**

ପଦ୍ମଶ୍ରୀ ରାଧାମୋହନ ଗଡ଼ନାୟକଙ୍କ ୨୭ ତମ ପୁଣ୍ୟତିଥି ସ୍ଥାନୀୟ ଅନୁଗୋଳ ପଞ୍ଚମହଲାସ୍ଥିତ ରିମିଟ ମହାବିଦ୍ୟାଳୟରେ ରାଧାମୋହନ ଗଡ଼ନାୟକ ସ୍ମୃତି ସଂସଦ ବାଣୀବିତାନ ଅନୁଗୋଳ ତରଫରୁ ଶନିବାର ପାଳିତ ହୋଇଯାଇଛି। କବି କୁମୁଦ ଚନ୍ଦ୍ର ଦାଶ ଏଥିରେ ଅଧ୍ୟକ୍ଷତା କରିଥିବାବେଳେ ପ୍ରଶାସକ ଡ. ଧରଣୀଧର ନାଥ ମୁଖ୍ୟ ଅତିଥି, ପ୍ରଫେସର ଶାନ୍ତନୁ କୁମାର ସର ମୁଖ୍ୟବକ୍ତା, ଅନୁଗୋଳ ଜିଲା ସାହିତ୍ୟ ସଂସଦ ସମ୍ପାଦକ ରାଧାକାନ୍ତ ମହାନ୍ତି ଏବଂ ପରିଚାଳନା ବିଭାଗ ମୁଖ୍ୟ ମିତ୍ରଭାନୁ ସିଂ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଗଡ଼ନାୟକଙ୍କ ବିଶାଳ କାବ୍ୟ ସାହିତ୍ୟରେ ତାଙ୍କ ସ୍ୱତନ୍ତ୍ର ଦୃଷ୍ଟିଭଙ୍ଗୀ ପ୍ରତିଫଳିତ ହେଇଥିଲା ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ସ୍ମୃତି ସଂସଦ ସମ୍ପାଦକ ସୁଶାନ୍ତ କୁମାର ତ୍ରିପାଠୀ ମଞ୍ଚ ପରିଚାଳନା କରିଥିବାବେଳେ ଅଧ୍ୟାପକ ମନୋଜ କୁମାର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଏହି ସଭାରେ କବିଙ୍କ ନାତି ଆଲୋକ ଗଡ଼ନାୟକ ଓ ପୁଲକ ଗଡ଼ନାୟକଙ୍କ ସମେତ ସ୍ଥାନୀୟ ମାନ୍ୟଗଣ ବ୍ୟକ୍ତି ଉପସ୍ଥିତ ଥିଲେ। ଅନୁଷ୍ଠାନର କର୍ମକର୍ତ୍ତା ତଥା ଛାତ୍ରଛାତ୍ରୀ ସହଯୋଗ କରିଥିଲେ।

## ଅନୁଗୋଳ ଜିଲା କାର୍ଯ୍ୟାଳୟ ପ୍ରଥମ ବଡ଼ବାବୁଙ୍କ ପରଲୋକ

**ଅନୁଗୋଳ, ୨୧।୨ (ଦିବ୍ୟଶାନ୍ତନୁ ନାଥ)**

ଅନୁଗୋଳ ଅମଲାପଡ଼ା ନିବାସୀ ତଥା ଅନୁଗୋଳ ଜିଲା ମୁଖ୍ୟ କାର୍ଯ୍ୟାଳୟର ପ୍ରଥମ ବଡ଼ବାବୁ ମୋହନ ଚନ୍ଦ୍ର ଦେବତା (୯୦)ଙ୍କ ଶନିବାର ପରଲୋକ ଘଟିଛି। ସେ ଅନୁଗୋଳର ଅମଲାପଡ଼ା ରାଧାକୃଷ୍ଣ ମନ୍ଦିର, ଅମଲାପଡ଼ା ପୂଜା କମିଟି, ଅନୁଗୋଳ ଭାଗବତ ପାରାୟଣ କମିଟି, ଜଗନ୍ନାଥ ମନ୍ଦିର ଭଳି ବିଭିନ୍ନ ଅନୁଷ୍ଠାନ ସହ ଜଡିତ ଥିଲେ। ତାଙ୍କ ମୃତ୍ୟୁରେ ସହରରେ ଶୋକର ଛାୟା ଖେଳି ଯାଇଛି। ମୃତ୍ୟୁଶଯ୍ୟା ନିକଟରେ ସମସ୍ତ କନ୍ୟା,ପୁତ୍ର, ନାତୁଣୀ, ନାତି, ପୁତୁରା ଆଇନଜୀବୀ ପ୍ରଦୀପ କୁମାର ଦେବତା ଉପସ୍ଥିତ ଥିଲେ। ଖବରପାଇ ଏମ୍‌ପି ରୁଦ୍ର ନାରାୟଣ ପାଣି, ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ, ପୂର୍ବତନ ନଗରପାଳ ଶକ୍ତି ପ୍ରସାଦ ପଟ୍ଟନାୟକ, ପୂର୍ବତନ ନଗରପାଳ ଭକ୍ତି ପ୍ରସାଦ ଦାସ, ପୂର୍ବତନ ନଗରପାଳ



ମୋହନ ଚନ୍ଦ୍ର ଦେବତା।

ପୂର୍ଣ୍ଣଚନ୍ଦ୍ର ରାଉତ, ବର୍ତ୍ତମାନର ନଗରପାଳ ଅକ୍ଷୟ କୁମାର ସାମନ୍ତ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ପ୍ରିୟଦର୍ଶୀ ପଟ୍ଟନାୟକ, ପୂର୍ବତନ ଏମ୍‌ପି ମହେଶ କୁମାର ସାହୁ, ପୂର୍ବତନ ସମବାୟ ବ୍ୟାଙ୍କ ସଭାପତି ସୁରେଶ ଚନ୍ଦ୍ର ସାହୁ ପ୍ରମୁଖ ଶୋକବ୍ୟକ୍ତ କରି ପରିବାରବର୍ଗଙ୍କୁ ସମବେଦନା ଜଣାଇଛନ୍ତି। ପୁରୀ ସ୍ୱର୍ଗଦ୍ୱାରରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ଉପସ୍ଥିତିରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା।

## ନିତାଇଗୌର ଆଶ୍ରମରେ ଭାଗବତ ସପ୍ତାହ

**ପବିତ୍ରନଗର, ୨୧।୨ (ନିରୋଜ ପ୍ରଧାନ)**

ଅନୁଗୋଳ ଜିଲା କଣିହାଁ ବ୍ଲକ ଗହମସ୍ଥିତ ନିତାଇଗୌର ଆଶ୍ରମରେ ୨୬ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିପାଇଁ ୧୧ଦିନ ଧରି ଆଧାତ୍ମିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ୭ଦିନ ପର୍ଯ୍ୟନ୍ତ ଭଗବତ ସପ୍ତାହ ପାଳନ କରାଯାଇଥିଲା। ବାବାଜୀ ଶ୍ୟାମାନନ୍ଦ ଦାସଙ୍କ ଦ୍ୱାରା ଅପରାହ୍ନରେ ଗୌରଗୋବିନ୍ଦ କଥାମୃତ ଓ ସନ୍ଧ୍ୟାରେ ଭଗବତ କଥାମୃତ ପରିବେଷଣ ହୋଇଥିଲା। ବିଭିନ୍ନ ଦିନମାନଙ୍କରେ ହରିହାଟ ତଥା ଆନନ୍ଦ ବଜାର ହୋଇଥିଲା। ବିଭିନ୍ନ ସ୍ଥାନରୁ ବିଶିଷ୍ଟ ସାଧୁସନ୍ଥମାନେ ଏଥିରେ ଯୋଗଦାନ କରିଥିଲେ। ଶ୍ରୀ ନିତାଇଗୌରାଙ୍ଗ ସେବାଟ୍ରଷ୍ଟ ତରଫରୁ ଏହି କାର୍ଯ୍ୟକ୍ରମରେ ଆଶ୍ରମ ମୁଖ୍ୟ ବାବାଜୀ ପ୍ରଭୁପାଦ ଦାସଙ୍କ ତତ୍ତ୍ୱାବଧାନରେ ବାବାଜୀ ପ୍ରୀତମ ଦାସ ଓ ଆଶ୍ରମର ଭକ୍ତବୃନ୍ଦ ସହଯୋଗ କରିଥିଲେ।

## ବାଲ୍ୟବିବାହ ଉପରେ ସଚେତନତା



ସଚେତନତା କାର୍ଯ୍ୟକ୍ରମରେ କର୍ମକର୍ତ୍ତାମାନେ।

**ବଇଣ୍ଡା, ୨୧।୨ (ପରିକ୍ଷିତ ସାହୁ)**

ବିଶ୍ୱ ଯୁବକେନ୍ଦ୍ର ବଣିନାଳୀ ଦ୍ୱାରା ପରିଚାଳିତ କାର୍ଯ୍ୟକ୍ରମ 'ଆକ୍ସେସ ଟୁ ଜଷ୍ଟିସ' ଦ୍ୱାରା ଅନୁଗୋଳ ଜିଲା କିଶୋରନଗର ବ୍ଲକ ଉରୁକୁଲା ପଞ୍ଚାୟତର ସାତପେରେଡିଆ ଗ୍ରାମରେ ଶନିବାର ବାଲ୍ୟବିବାହ ରୋକିବା ଉପରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଶିଶୁମାନଙ୍କୁ ନିଜ ଅଧିକାରରୁ ବଞ୍ଚିତ କରି ବାଲ୍ୟବିବାହ, ଶିଶୁ ଚାଲାଣ, ଶିଶୁ ଯୌନ ନିର୍ଯାତନା, ଶିଶୁ ଶ୍ରମିକ ତଥ ବିପଦସଙ୍କୁଳ କାର୍ଯ୍ୟରେ ନିୟୋଜିତ ତଥା ଏହାର ଭୟାବହତା ଉପରେ ଆଲୋଚନା କରାଯାଇଥିଲା। ବାଲ୍ୟବିବାହ ତଥା ଶିଶୁଙ୍କୁ ଶ୍ରମରେ ନିୟୋଜିତ କରୁଥିବା ଲୋକଙ୍କ ପାଇଁ ଭାରତୀୟ ଆଇନ ଅନୁଯାୟୀ ଦଣ୍ଡ ବିଧାନ ଓ ନିୟମାବଳୀ ଏବଂ ପ୍ରତ୍ୟେକ ଶିଶୁର ୪ଟି ପ୍ରାଥମିକ ଅଧିକାର ବିଷୟରେ ଆଲୋଚନା କରାଯାଇଥିଲା। ବିଶ୍ୱ ଯୁବକେନ୍ଦ୍ରର ନିର୍ଦ୍ଦେଶକ ମନୋଜ କୁମାର ମହାପାତ୍ର ଓ ପୂଜା ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ପ୍ରକଳ୍ପ ସହଯୋଗୀ ପପି ଦେହୁରୀ ସଭା ପରିଚାଳନା କରିଥିଲେ।

## ବନାଗ୍ନି ନିରୋଧ ମକ୍‌ଡ୍ରିଲ



ବନାଗ୍ନି ନିରୋଧ ମକ୍‌ଡ୍ରିଲ୍ କାର୍ଯ୍ୟକ୍ରମରେ ବନ ବିଭାଗ କର୍ମଚାରୀମାନେ।

**ଅନୁଗୋଳ, ୨୧।୨ (ଦିବ୍ୟଶାନ୍ତନୁ ନାଥ)**

ଅନୁଗୋଳ ବନଖଣ୍ଡ ଅଧିକାରୀଙ୍କ ତତ୍ତ୍ୱାବଧାନରେ ଶନିବାର ସମସ୍ତ ବନାଞ୍ଚଳରେ ବନାଗ୍ନି ନିରୋଧ ମକ୍‌ଡ୍ରିଲ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ସମସ୍ତ ବିଭାଗୀୟ ଅଧିକାରୀ, ସମସ୍ତ ରେଞ୍ଜ ଅଧିକାରୀ, ଅଗ୍ନିଶମ ଅଧିକାରୀ, ବନରକ୍ଷୀ, ଗଜସାଥୀ, ଗଜମିତ୍ର ଏବଂ ପ୍ରତି ବନାଞ୍ଚଳରେ ନିୟୋଜିତ ଥିବା ବନାଗ୍ନି ସୁରକ୍ଷା ଦଳ ସାମିଲ ଥିଲେ। ଜଙ୍ଗଲ ଅଗ୍ନିକାଣ୍ଡ ଘଟଣାକୁ ପ୍ରଭାବଶାଳୀ ଭାବରେ ରୋକିବା ଏବଂ ନିୟନ୍ତ୍ରଣ କରିବା, ଦ୍ରୁତ ପ୍ରତିକ୍ରିୟା ବ୍ୟବସ୍ଥାକୁ ସୁଦୃଢ଼ କରିବା, କ୍ଷେତ୍ର ଦଳଗୁଡ଼ିକ ମଧ୍ୟରେ ସୁଗମ ସମନ୍ୱୟ କରିବା ପାଇଁ ଏହି ଅଭ୍ୟାସଗୁଡ଼ିକ ଆୟୋଜିତ ହୋଇଥିଲା। ଜଙ୍ଗଲ ସୁରକ୍ଷା, ବନ୍ୟପ୍ରାଣୀ ସୁରକ୍ଷା ଏବଂ ଆଖପାଖ ସମ୍ପ୍ରଦାୟର କଲ୍ୟାଣ ନିମନ୍ତେ ବନଖଣ୍ଡ ପକ୍ଷରୁ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ରେଙ୍ଗାଳି ଥାନାରେ ନୂଆ ଆଇଆଇସି

**ପବିତ୍ରନଗର, ୨୧।୨ (ନିରୋଜ ପ୍ରଧାନ)**

ଅନୁଗୋଳ ଜିଲା କଣିହାଁ ବ୍ଲକ ରେଙ୍ଗାଳି ଡ୍ୟାମ୍‌ସାଇଟ ଥାନାରେ ନୂତନ ଥାନା ଅଧିକାରୀ (ଆଇଆଇସି) ଭାବେ ଚଞ୍ଚଳା ନାୟକ ଶନିବାର ଯୋଗଦାନ କରିଛନ୍ତି। ପୂର୍ବରୁ ସେ ତାଳଚେର ଥାନାରେ କାର୍ଯ୍ୟରତ ଥିଲେ। ରେଙ୍ଗାଳିରେ ଆଇଆଇସି ଥିବା ଶ୍ୟାମଲାଲ ଓରାମଙ୍କ ତାଳଚେର ଥାନାକୁ ବଦଳି ହୋଇଥିବା ସୂଚନା ମିଳିଛି। ମାସେ ଭିତରେ ୩ଜଣ ଆଇଆଇସିଙ୍କ ବଦଳିକୁ ନେଇ ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ଜୋର୍ ଧରିଛି। ନୂତନ



ଆଇଆଇସି ନାୟକ କହିଛନ୍ତି, ଅଞ୍ଚଳରେ ମହିଳା ଓ ଶିଶୁଙ୍କୁ ସୁରକ୍ଷା, ଶାନ୍ତିଶୃଙ୍ଖଳା ରକ୍ଷା, ମଦ୍ୟପ ଚାଳକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନକୁ ପ୍ରାଥମିକତା ଦେବେ।

## ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଯାପିତ

**ଛେଣ୍ଡିପଦା, ୨୧।୨ (ଅଜିତ ଧଳ)**

ଛେଣ୍ଡିପଦା ବ୍ଲକ ଜରପଡ଼ା ପତିତପାବନ ଡିଗ୍ରୀ ମହାବିଦ୍ୟାଳୟ ପରିସରରେ ଆୟୋଜିତ ୮ ଦିନିଆ ଛାତ୍ରୀଙ୍କ ସ୍ୱତନ୍ତ୍ର ଆତ୍ମରକ୍ଷା ତାଲିମ ଶିବିର ଅଧ୍ୟକ୍ଷ ଜଗବନ୍ଧୁ ସାହୁଙ୍କ ସଭାପତିତ୍ୱରେ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଛାତ୍ରୀମାନଙ୍କୁ ଶାରୀରିକ ଓ ମାନସିକ ଭାବେ ସଶକ୍ତ କରିବା ଏବଂ ବିପଦଜନକ ସ୍ଥିତିରେ ସାମ୍ନା କରିବା ପାଇଁ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ସୋନାଲିକା ପଣ୍ଡା ଓ ଇତିଶ୍ରୀ ସାହୁ ଛାତ୍ରୀମାନଙ୍କୁ ପ୍ରତିରକ୍ଷା କୌଶଳ ତାଲିମ ପ୍ରଦାନ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଅନୁଗୋଳ ଜିଲା ଭାରତୀୟ ଯୋଗ ସଂସ୍ଥାନର ସଂଯୁକ୍ତା ପାଲ ଯୋଗଦେଇ ଛାତ୍ରୀମାନଙ୍କୁ ଆତ୍ମବିଶ୍ୱାସୀ ହେବାକୁ ପରାମର୍ଶ ଦେଇଥିଲେ। ଆତ୍ମରକ୍ଷା ତାଲିମ ଶିବିରର ସଂଯୋଜିକା ତଥା ମହାବିଦ୍ୟାଳୟ ଅଧ୍ୟାପିକା ରଶ୍ମିତା ବିଶ୍ୱାଳଙ୍କ ତତ୍ତ୍ୱାବଧାନରେ ଶିବିର ପରିଚାଳିତ ହୋଇଥିଲା।

## ମାତୃଭାଷାର ମହତ୍ତ୍ୱ ଉପରେ ଆଲୋକପାତ

**ଆଠମଲ୍ଲିକ, ୨୧।୨ (ଉଦୀପ୍ତ ପୁରୋହିତ)**

ଅନୁଗୋଳ ଜିଲା ଆଠମଲ୍ଲିକ ଉପଖଣ୍ଡସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରଠାରେ ଶନିବାର ଅନ୍ତର୍ଜାତୀୟ ମାତୃଭାଷା ଦିବସ ପାଳିତ ହୋଇଯାଇଛି। ଉକ୍ତ ଉତ୍ସବରେ ଆଠମଲ୍ଲିକ ମହାବିଦ୍ୟାଳୟ ଓଡ଼ିଆ ଅଧ୍ୟାପକ ଡ. ହୃଷୀକେଶ ମହାଖୁଡ଼ ମୁଖ୍ୟବକ୍ତା ଭାବେ ଯୋଗଦାନ କରି ମା, ମାଟି ଓ ମାତୃଭାଷାର ମହତ୍ତ୍ୱ ଉପରେ ଆଲୋକପାତ କରିଥିଲେ। ଅନ୍ୟତମ ଅତିଥି ଭାବେ ପରିଚାଳନା ସମିତି ସଭାପତି ଆଦିତ୍ୟ କୁମାର ସାହୁ ଓ ବିଦ୍ୟାଳୟର ପ୍ରଥମ ସମ୍ପାଦକ ସୁଧୀର କୁମାର ମିଶ୍ର ଯୋଗଦାନ କରିଥିଲେ।



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

ପ୍ରଧାନ ଆଚାର୍ଯ୍ୟ ତରୁଣ କୁମାର ଦାଶ ଦିବସର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ଉକ୍ତ ଉତ୍ସବରେ ବିଭିନ୍ନ ପ୍ରତିଯୋଗିତା କରାଯାଇଥିଲା। ପ୍ରାୟ ୩୦୦ ଛାତ୍ରୀଛାତ୍ର, ଗୁରୁମା ଗୁରୁଜୀ ଯୋଗଦାନ କରିଥିଲେ।

## ଅଗ୍ନି ନିରାପତ୍ତା ସଚେତନତା ଶିବିର

**ପାଲଲହଡ଼ା, ୨୧।୨ (ଦିବ୍ୟଜ୍ୟୋତି ଦାଶ)**

ପାଲଲହଡ଼ା ବନାଞ୍ଚଳ ଅଧିକାରୀ ଶିରିଷ କୁମାର ଦଳେଇଙ୍କ ଅଧ୍ୟକ୍ଷତାରେ ଏକ ପ୍ରଶସ୍ତ ଅଗ୍ନି ନିରାପତ୍ତା ସଚେତନ ଶିବିର ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ସମ୍ମାନିତ ଅତିଥି ଭାବେ ପେଚାମୁଣ୍ଡି ସରପଞ୍ଚ ରମେଶ ପ୍ରଧାନ, ଅଗ୍ନିଶମ ଅଧିକାରୀ ପ୍ରଦୀପ ଖାଡ଼ିଆ, କେନ୍ଦୁପତ୍ର ରେଞ୍ଜର ପୀତାମ୍ବର କହର ଯୋଗ ଦେଇଥିବାବେଳେ ଅନେକ ବିଶିଷ୍ଟ ବ୍ୟକ୍ତି ଓ ବନବିଭାଗ କର୍ମଚାରୀ, ଗ୍ରାମ ଭିଏସ୍‌ଏସ୍ କମିଟି ଓ ଜନସାଧାରଣ ଉପସ୍ଥିତ ରହିଥିଲେ। ଜଙ୍ଗଲ ସଂରକ୍ଷଣ ଓ ଅଗ୍ନି ନିରାପତ୍ତା ବିଷୟରେ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରାଯାଇଥିଲା।

## ଗାନ୍ଧୀ ଶିକ୍ଷା ଦେବା ପାଇଁ ପ୍ରୟାସ କରୁ ରେଡିଓ ସର୍ବୋଦୟ

### ପ୍ରଥମ ବାର୍ଷିକୀ ଉତ୍ସବ ଉଦ୍‌ଯାପିତ

**ଅନୁଗୋଳ, ୨୧।୨ (ମାନସ ବିଶ୍ୱାଳ)**

ଅନୁଗୋଳସ୍ଥିତ ବାଜିରାଉତ ଛାତ୍ରାବାସରେ ରେଡିଓ ସର୍ବୋଦୟର ପ୍ରଥମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବରେ ରେଭେନ୍ସା ବିଶ୍ୱବିଦ୍ୟାଳୟର ପ୍ରାକ୍ତନ ପ୍ରଫେସର ତଥା ବିଶିଷ୍ଟ ଶିକ୍ଷାବିତ୍ ପ୍ରଫେସର ଖାରବେଳ ମହାନ୍ତି ଯୋଗଦେଇ ଅନୁଗୋଳର ଯୁବ, ଛାତ୍ରମାନଙ୍କୁ ଗାନ୍ଧୀ ଶିକ୍ଷା ଦେବା ପାଇଁ ରେଡିଓ ସର୍ବୋଦୟ ଏକ ବ୍ୟାପକ ପ୍ରୟାସ ଆରମ୍ଭ କରୁ ବୋଲି ମତ ରଖିଥିଲେ। ଉତ୍କଳ ଗାନ୍ଧୀ ସ୍ମାରକ ନିଧିର ସଭାନେତ୍ରୀ କୃଷ୍ଣା ମହାନ୍ତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସଭାରେ ମୁଖ୍ୟବକ୍ତା ଭାବେ ଅନୁଗୋଳ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଜୟଜିତ ଧଳ ଯୋଗଦେଇ ଅନୁଗୋଳ ସାମ୍ବାଦିକତା କ୍ଷେତ୍ରରେ ରେଡିଓ ସର୍ବୋଦୟର ଏକ ବିଶେଷ ଭୂମିକା ରହିଛି ବୋଲି ପ୍ରକାଶ କରିଥିଲେ।




ରେଡିଓ ସର୍ବୋଦୟର ପ୍ରଥମ ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥିମାନେ।

ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନର ରାଜ୍ୟ ସଙ୍ଗଠନ ସମ୍ପାଦକ ହରିହର ସେନ ଗାନ୍ଧୀ ବିଚାର ଚିର ଅମର ବୋଲି କହିଥିଲେ। ଏହି ଅଧିବେଶନକୁ ରେଡିଓର ନିର୍ଦ୍ଦେଶକ ଡା. ବିଶ୍ୱଜିତ ସଂଯୋଜନା କରିଥିବା ବେଳେ ସୂର୍ଯ୍ୟ ନାରାୟଣ ନାଥ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରଥମ ଅଧିବେଶନରେ ଅନୁଗୋଳର ଅତୀତ, ବର୍ତ୍ତମାନ ଓ ଭବିଷ୍ୟତ ଶୀର୍ଷକ ଆଲୋଚନାରେ ପରିବେଶବିତ୍ ପ୍ରସନ୍ନ କୁମାର ବେହେରା ଅଧ୍ୟକ୍ଷତା କରିଥିଲେ। ଆଇନଜୀବୀ ବସନ୍ତ କୁମାର ଦାସ, ଦିଲୀପ କୁମାର ଦାସ, ପ୍ରଫେସର ନନ୍ଦକିଶୋର ମହାକୁଡ଼, ଆଇନଜୀବୀ ସୁଭାଷ ଚନ୍ଦ୍ର ସାହୁ ବକ୍ତବ୍ୟ ରଖିଥିଲେ। ପର୍ଶୁରାମ ଦାଶ, ମାନସ ପାଲ ଧନ୍ୟବାଦ ଅର୍ପଣ କରିଥିଲେ। ଦିତୀୟ ଅଧିବେଶନରେ ବାଜି ରାଉତ ଛାତ୍ରାବାସ ସଭାପତି ଅନ୍ତର୍ଯ୍ୟାମୀ ବରାଳ ଅଧ୍ୟକ୍ଷତା ଓ ସମ୍ପାଦକ ଧନେଶ୍ୱର ସାହୁ ସଞ୍ଚାଳନ କରିଥିଲେ। ଆଦ୍ୟଶ୍ଳୋକ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଏହି ସଭାରେ ଉଦ୍ୟାନ କୃଷି ବିଭାଗ ଉପନିର୍ଦ୍ଦେଶକ ଅମ୍ବର ଲୁଗୁନ, ଅନୁଗୋଳ ସିଡିଏମ୍‌ଓ ଡା. ମଦନ ମୋହନ ପ୍ରଧାନ, ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ସତ୍ୟନାରାୟଣ ସାହୁ, ନବକୃଷ୍ଣ ଚୌଧୁରୀ ଶିକ୍ଷକ ଶିକ୍ଷା ମହାବିଦ୍ୟାଳୟର ପ୍ରାଧାପକ ବନମାଳୀ ବାଗ, ଜିଲା ସାମ୍ବାଦିକ ସଂଘ ସଭାପତି ଅଜିତ ଧର ପ୍ରମୁଖ ଅଂଶ ଗ୍ରହଣ କରିଥିଲେ। ପୌର କାର୍ଯ୍ୟ ନିର୍ବାହୀ ଅଧିକାରୀ ସତ୍ୟପ୍ରକାଶ ତ୍ରିପାଠୀଙ୍କୁ ସର୍ବୋଦୟ ସମ୍ମାନରେ ସମ୍ମାନିତ କରାଯାଇଥିଲା। ରେଡିଓ ପରିଚାଳନା ସମିତ ସଭାପତି ଡ. ଧରଣୀଧର ନାଥ, ସମ୍ପାଦକ କଲ୍ୟାଣ କିଶୋର ମହାନ୍ତି, ଯୁଗ୍ମ ସମ୍ପାଦକ ସଂଗ୍ରାମ ରଞ୍ଜନ ନାଥ, ଲିପିକା ମହାପାତ୍ର, ସୁଜାତା ପ୍ରିତିନନ୍ଦା, କୈଳାଶ ଚନ୍ଦ୍ର ସାହୁ, ଛୋଟରାୟ ମାଝୀ, ସାରଣ ପ୍ରିୟଦର୍ଶିନୀ ପ୍ରମୁଖ ସଞ୍ଚାଳନ କରିଥିଲେ।

